ଧରିତ୍ରୀ
DHARITRI

## ସଂକ୍ଷେପରେ

### ଟିକିନିଖି ଯାଞ୍ଚ ପରେ ଜାତିଗତ ପ୍ରମାଣ ପତ୍ର ଦେବାକୁ ଦାବି



ନବରଙ୍ଗପୁର,୧୬।୩(ଡି.ଏନ.ଏ.)- ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ନିର୍ବାଚନରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି । ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ରହିଥିବା ସଂରକ୍ଷିତ ଆସନରେ ଅଣ ଆଦିବାସୀ ଆଦିବାସୀ ଜାତିଗତ ପ୍ରମାଣ ପତ୍ରରେ ଯେମିତି ନିର୍ବାଚନ ନ ଲଢିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲା ବିଜେଡି ସଭାପତି ପ୍ରହ୍ଲାଦ ତ୍ରିପାଠୀ ଖବରଦାତା ସମ୍ମିଳନୀରେ କହିଛନ୍ତି । ଜାତିଗତ ପ୍ରମାଣ ପତ୍ର ପାଇଁ ଯେଉଁ ମାନେ ଆବେଦନ କରୁଛନ୍ତି ତାହା ତହସିଲ ପକ୍ଷରୁ ସମସ୍ତ ସ୍ତରରେ ତଦନ୍ତ କରାଯିବା ସହ ଓ ଗାଁ ସାହିରେ ଲୋକମାନଙ୍କୁ ପଚାରି ଜାତିଗତ ପ୍ରମାଣ ପତ୍ର ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି। ଗତ ଦିନରେ ଅଖିଳ ଭାରତୀୟ ଭତରା ବିକାଶ ପରିଷଦ ଏ ସମ୍ପର୍କରେ ଜିଲାପାଳଙ୍କୁ ଅଭିଯୋଗ ମଧ କରିଛନ୍ତି ।

# ପାଣି ପାଇଁ ରାଜପଥ ଅବରୋଧ

ପାପଡାହାଣ୍ଡି,୧୬।୩(ଡି.ଏନ.ଏ)



ମହିଳା ଓ ପୁରୁଷ ହାଣ୍ଡି ମାଠିଆ ରଖି ରାସ୍ତା ଅବରୋଧ କରିଛନ୍ତି ।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାର ସାତ ନମ୍ବର ୱାର୍ଡର ଘାସିଆ ସାହିରେ ଦୀର୍ଘ ଦିନ ହେଲା ଲାଗି ରହିଛି ପାନୀୟ ଜଳ ସମସ୍ୟା। ପାଣି ପାଇଁ ସକାଳ ପାଇଲେ ଲୋକେ ଏ ସାହି ସେ ସାହି ଉପରେ ନିର୍ଭର କରିଥାନ୍ତି । ଏହାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀ ଓ ପ୍ରଶାସନ ନିକଟରେ ବାରମ୍ବାର ଲୋକେ ଜଣାଇଲେ। କିନ୍ତୁ ଏଥିରେ କୌଣସି ସୁଫଳ ମିଳିଲାନି। ଶେଷରେ ପ୍ରତିବାଦ ସ୍ୱରୂପ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କଲେ ସାହିବାସିନ୍ଦା । ଖବର ପାଇ ପ୍ରଶାସନ ଅଧିକାରୀମାନେ ପହଞ୍ଚି ପ୍ରତିଶୃତି ଦେବା ପରେ ରାସ୍ତାରୋକୋ ହଟିଥିଲା । ଘାସିଆ ସାହିରେ ୪୦ ପରିବାର ୧୫୦ ରୁ ଉର୍ଦ୍ଧ ଲୋକ ବସବାସ କରନ୍ତି। ସାହିରେ କୌଣସି ନଳକୂପ ନାହିଁ । ନଳକୂପ ପାଣି ନିମନ୍ତେ ସାହି ଲୋକ ଅଧା କିଲୋ ମିଟର ଦୂର ବସଷ୍ଟାଣ୍ଡ ଛକ କିମ୍ବା ବଙ୍କା ସାହି ଉପରେ ନିର୍ଭର କରିଥାନ୍ତି। ଏଥି ପାଇଁ ମହିଳା ମାନଙ୍କୁ ଲମ୍ବା ଲାଇନ ଲଗାଇବାକୁ ପଡେ । ହାଣ୍ଡିଏ ପାଣି ପାଇଁ ମହିଳାଙ୍କୁ କଳି ଝଗଡା ଲାଗିବାକୁ ପଡିଥାଏ। ଏଥି ନିମନ୍ତେ ସାହି ବାସିନ୍ଦା ଅନେକଥର ବିଭାଗୀୟ ଅଧିକାରୀ ଓ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଘାସିଆ ସାହିର ମହିଳା ଓ ପୁରୁଷ ମାନେ ହାଣ୍ଡି ମାଠିଆ ରଖି ଶନିବାର ଭବାନୀପାଟଣା– ନବରଙ୍ଗପୁର ଜାତୀୟ ରାଜପଥ ୨୬କୁ ଅବରୋଧ କରିଥିଲେ। ଏଥିଯୋଗୁଁ ଯାନବହନ ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଥିଲା। ଖବର ପାଇ ପ୍ରଶାସନ ଅଧିକାରି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଲୋକେ ପାନୀୟ ଜଳର ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧରୁ ହଟିବୁ ନାହିଁ ବୋଲି ଜିଦ ଧରିଥିଲେ । ପାପଡାହାଣ୍ଡି ବିଡିଓ ରଞ୍ଜିତା ମଲ୍ଲିକ, ଅତିରିକ୍ତ ତହସିଲଦାର ମନୋଜ ପାଣିଗ୍ରାହୀ, ଆଇଆଇସି ଭୀମସେନ ମାଝୀ, ଆରଡବ୍ଲୁଏସ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କାଡ୍ରାକା ପ୍ରମୁଖ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଲୋକମାନେ ରାସ୍ତା ଅବରୋଧରୁ ହଟିଥିଲେ ।

## ଭାଜପାର ମିଶ୍ରଣ ପର୍ବ

ଉମରକୋଟ, ୧୬।୩ (ଡି.ଏନ.ଏ)

ଭାଜପା ସଂକଳ୍ପ ଯାତ୍ରା ଅବସରରେ ଉମରକୋଟ ବ୍ଲକ ଜାମୁରଣ୍ଡା ଯୁଭି ନଂ୧୪ରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ଓ ବିଜେଡିରୁ ୧୨୦୦ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଜାମୁରଣ୍ଡା, ମେଣ୍ଡ୍ରିଗୁଡା, ଡେଙ୍ଗାଗୁଡା, ଗୋଟିଗୁଡା, ହୀରାପୁର, ପୁର୍ଲା ଗ୍ରାମର କର୍ମୀମାନେ ଭାଜପାରେ ଯୋଗ ଦେଇଥିଲେ। ଏହି କାର୍ଯକ୍ରମରେ ଜିଲା ସଭାପତି ଗୋବିନ୍ଦ ଜୈନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ଆଇନଜୀବୀ ପିଣ୍ଟୁ ନାୟକ, ବୁଲୁ ଷଡଙ୍ଗୀ, ଗଣପତି ସାହୁ, ସୋନା ମାଝି, କାମ ସିଂ ମାଝି, ଦଳଇସାଇ ଭତ୍ରା ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ଜନ ସମାବେଶ



ଜନସମାବେଶରେ କଂଗ୍ରେସ ନେତାମାନେ ।

ନବରଙ୍ଗପୁର,୧୬।୩(ବି.ପ୍ର)

ନବରଙ୍ଗପୁର ଜିଲା ଡାବୁଗାଁ ନିର୍ବାଚନମଣ୍ଡଳୀ କାଟଗାଁ ହାଟପଦାରେ କଂଗ୍ରେସ ପକ୍ଷରୁ ଶନିବାର ଏକ ବିଶାଳ ଜନସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ଉପସଭାପତି ଧରମ ସିଂ ସଭାପତିତ୍ୱ କରିଥିଲେ। ଜିଲା ସଭାପତି ମୁନା ତ୍ରିପାଠୀ ଓ ଡାବୁଗାଁ ବିଧାୟକ ଭୁଜବଳ ମାଝି ଏଥିରେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଉପରେ କହିଥିଲେ। ଛତିଶଗଡ ରାଜ୍ୟରେ କଂଗ୍ରେସ ନିର୍ବାଚନ ପ୍ରତିଶ୍ରୁତି କିଭଳି ପାଳନ କରିଛି ସେ ନେଇ ଆଲୋକପାତ କରିଥିଲେ। ଏହି ସଭାରେ ଜୋନ ସଭାପତି ଚିତ୍ତରଞ୍ଜନ ଗୌଡ, ଭୁବନେଶ୍ୱର ନାୟକ, ସଞ୍ଜିବ ବିଶୋୟୀ ଯୋଗ ଦେଇ ବିଜେଡି ବିରୋଧରେ ବିଷଦଗାର କରିଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାକର ରାଓ, ନରସିଂହ ଗୌଡ, ଦୟାଳୁ ଗୌଡ, କୁନି ମିଶ୍ର, ବାବୁଲି ବାଘ ଉଦବୋଧନ ଦେଇଥିଲେ। ସେହିପରି ପୂର୍ବତନ ବିଧାୟକ ସଦନ ନାୟକଙ୍କ ଘରେ ଏକ ବୈଠକ ବସି ରଣନୀତି ଉପରେ ଆଲୋଚନା କରାଯାଇଥିଲା। ଏଥିରେ ପୂର୍ବତନ ନଗରପାଳ ସୁବାଶ ଚନ୍ଦ୍ର ସୁର ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତମ ତ୍ରିପାଠୀ, ଏମ ଉମାଦେବ, ଭୀମ ହରିଜନ ଉପସ୍ଥିତ ଥିଲେ।

# ନିର୍ବାଚନ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କଲେ ଜିଲାପାଳ

ମାଲକାନଗିରି,୧୬।୩(ଡି.ଏନ.ଏ.)

ଆସନ୍ତା ଏପ୍ରିଲ୍ ୧୧ରେ ମାଲକାନଗିରି ଏବଂ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୫୪୦ଟି ବୁଥ୍‌ରେ ନିର୍ବାଚନ ସୁପରିଚାଳନା ନେଇ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ୭୦ ଜଣ ପଦାଧିକାରୀ ଏବଂ ଗଣମାଧମ ପ୍ରତିନିଧିଙ୍କୁ ନେଇ ବିଭିନ୍ନ କମିଟି ଗଠନ କରିଛନ୍ତି। ଜିଲାପାଳ ସେହି କମିଟିଗୁଡିକର ସଦସ୍ୟାସଦସ୍ୟମାନଙ୍କ ସହ ବୈଠକ କରି ସେମାନଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ପର୍କରେ ବୁଝାଇଛନ୍ତି। ସେହି କମିଟିଗୁଡିକ ୨ଟି ନିର୍ବାଚନ ମଣ୍ଡଳୀକୁ ପରିଭ୍ରମଣ କରି ବୁଥ୍ ଅଞ୍ଚଳର ସ୍ଥିତି ନେଇ ତଥ୍ୟ ସଂଗ୍ରହ କରିବେ। ଅନ୍ୟ ୨ଟି ଦଳ ବିଭିନ୍ନ ରାଜନୈତିକ ଦଳର ପ୍ରଚାରପ୍ରସାର, ମତଦାନ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ। ଏଥିପାଇଁ ସ୍ୱତନ୍ତ୍ର ଭାବେ ୩ଟି ଦଳ ଗଠନ କରାଯାଇଛି। ବିଭିନ୍ନ ଅଞ୍ଚଳରେ ବୁଥ୍‌ଗୁଡିକର ଦୃଶ୍ୟ ଓ ଭୋଟରଙ୍କ ଅଭିଯୋଗ ରେକର୍ଡିଂ କରବା ପାଇଁ ପାଇଁ ୧୨ ଜଣ ଅଧିକାରୀଙ୍କୁ ନେଇ ୨ଟି ନିର୍ବାଚନ ମଣ୍ଡଳୀରେ ୩ଟି ଟିମ୍ ଗଠନ କରାଯାଇଛି। ଏହି ୩ଟି ଦଳର ବିଭିନ୍ନ ତଥ୍ୟ ସିଡି ମାଧ୍ୟମରେ ଜିଲା କମିଟିକୁ ହସ୍ତାନ୍ତର କରିବା ପରେ କମିଟି ପ୍ରାର୍ଥୀମାନେ ଖର୍ଚ୍ଚ କରୁଥିବା ଅର୍ଥର ଆକଳନ କରି ଖର୍ଚ୍ଚ ତାଲିକାରେ ସାମିଲ୍ କରିବ। ଏହି କମିଟିରେ ଜିଲାପାଳ ଅଧକ୍ଷ ଥିବାବେଳେ ୩ ଜଣ ପଦାଧିକାରୀ ଏବଂ ୨ ଜଣ ଗଣମାଧମ ପ୍ରତିନିଧି ଅଛନ୍ତି। ସେହିପରି ହିସାବ ଏବଂ ଖର୍ଚ୍ଚ ସମ୍ପର୍କିତ ଏକ କମିଟି ଗଠନ ହୋଇଛି। ନିର୍ବାଚନ ସମୟରେ ବିଭିନ୍ନ ଅନିୟମିତତା, ସାମଗ୍ରୀ ଜବତ ନେଇ ଏକ କମିଟି ଗଠନ କରାଯାଇଛି। ବୁଥ୍ ଇନ୍‌ଚାର୍ଜ ଓ କର୍ମଚାରୀଙ୍କ ପୋଷ୍ଟାଲ ଭୋଟ ତଦାରଖ ପାଇଁ ମଧ ଏକ କମିଟି ଗଠନ ହୋଇଛି । ଆସନ୍ତା ୧୮ରେ ଏହି କମିଟିଗୁଡିକର ପୁଣି ଏକ ବୈଠକ ହେବ।

# କଳାଧନ ରୋକିବା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ

ମାଲକାନଗିରି,୧୬।୩(ଡି.ଏନ.ଏ.)– ଆସନ୍ତା ନିର୍ବାଚନରେ ପ୍ରାର୍ଥୀମାନେ ତାଙ୍କ ପାଇଁ ଧାର୍ଯ୍ୟ ଅର୍ଥଠାରୁ ଅଧିକ ଅର୍ଥ ଖର୍ଚ୍ଚ କରିବା ସମ୍ଭାବନା ଥିବାରୁ ପୋଲିସ ବିଭାଗ ଏକ ଗୁପ୍ତ ଟିମ୍ ଗଠନ କରିଛି। ଗତ ୨ ମାସ ମଧ୍ୟରେ ଓଡିଶାରୁ ରାଜ୍ୟ ବାହାରକୁ ପ୍ରଚୁର ପରିମାଣର ଅର୍ଥ ଯାଉଥିବା ବେଳେ ପୋଲିସ ଧରିଛି। ନିର୍ବାଚନ ସମୟରେ ଏହିପରି କଳାଧନ ଜିଲାକୁ ପ୍ରବେଶ କରିବାର ସମ୍ଭାବନା ଥିବାରୁ ସାଦା ପୋଷାକଧାରୀ ଏହି ଗୁପ୍ତ ଟିମ୍ ଜିଲା ଏବଂ ରାଜ୍ୟ ବାହାରକୁ ଯାତାୟାତ କରୁଥିବା ଯାନବାହାନ ତନଖି କରିବେ। ଯେଉଁମାନଙ୍କ ଉପରେ ସନ୍ଦେହ ହେବ ସେହିମାନଙ୍କ ବ୍ୟାଗ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ତନଖି କରିବେ।

## ବିଦେଶୀ ମଦ ଜବତ, ଜଣେ ଗିରଫ

ଡାବୁଗାଁ,୧୬।୩(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ପୋଲିସ ଶନିବାର ଚଢାଉ କରି ୧୨ ବୋତଲ ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି । ଡାବୁଗାଁ ଥାନା ଅଧୀନ କୁସୁମବନ୍ଧ ଗ୍ରାମର ଧୃପତି କଲାର(୪୮) ନିଜ ଘରେ ବିଦେଶୀ ମଦ ବିକ୍ରି କରୁଥିବା ସମୟରେ ପୋଲିସ ଚଢାଉ କରି ମଦ ଜବତ କରିବା ସହ ଧୃପତିଙ୍କୁ ଗିରଫ କରିଥିଲା। ଆଇଆଇସି ମୁନି ଆଚାରୀଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ସଲମନ ଭୂୟାଁ ଓ ପୋଲିସ କର୍ମଚାରୀମାନେ ସାମିଲ ଥିଲେ । ଏନେଇ ଥାନାରେ ନଂ. ୩୮/୧୯ ରେ ଏକ ମାମଲା ରୁଜୁ କରାଯାଇଛି।

## ଭାଜପାର ବିଜୟ ସଙ୍କଳ୍ପ ଅଭିଯାନ

ନବରଙ୍ଗପୁର,୧୬।୩(ବି.ପ୍ର.)

ନବରଙ୍ଗପୁର ନିର୍ବାଚନ ମଣ୍ଡଳୀର ତେନ୍ତୁଲିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକରେ ଭାଜପା ପକ୍ଷରୁ ଗାଁ ଗାଁରେ ଚାଲିଛି ବିଜୟ ସଙ୍କଳ୍ପ ଅଭିଯାନ । ଶୁକ୍ରବାର ତେନ୍ତୁଲିଖୁଣ୍ଟି ବ୍ଲକର ଅଞ୍ଚଳଗୁମ୍ମା, ପାତ୍ରପୁଟ, କଣ୍ଟାଗାଁ ଓ ବାଘନାଗୁଡା ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୧୬ ତାରିଖରେ ନନ୍ଦାହାଣ୍ଡି ବ୍ଲକର ଝୁଣ୍ଟିଆ, ମାଳିଗୁଡା, ନିସନାହାଣ୍ଡି ଠାରେ ପଥପ୍ରାନ୍ତ ନାଟକ ମାଧ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାଜପାର ବରିଷ୍ଠ ନେତା ସୁରେନ୍ଦ୍ର ବିଷୋୟୀ, ମିଡିଆ ସଂଯୋଜକ ସଂଜୀବ ନନ୍ଦ, ନଗର ସଭାପତି ସୁବ୍ରତ ମିଶ୍ର, ଗୁଟୁ ପାତ୍ର, ଯୁବନେତା ସରୋଜ ବେହେରା ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାର ୫ ବର୍ଷର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରି ଭୋଟର କିଭଳି ଭାଜପା ଆଡକୁ ମୁହାଇବେ ତାହା ଉଦ୍ୟମ କରାଯାଇଥିଲା ।


















Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

